## ବେଆଇନ ଚାଲାଣ: ୧୧ ପିକ୍‌ଅପରୁ ୪୪ ପୋଢ଼ ଉଦ୍ଧାର

ରାୟଗଡ଼ା ଅଫିସ: କଳାହାଣ୍ଡି ଜିଲାରୁ ଆନ୍ଧ୍ର ପ୍ରଦେଶକୁ ବେଆଇନଭାବେ ପୋଢ଼ ଚାଲାଣବେଳେ ରବିବାର ବିଳମ୍ବିତ ରାତିରେ ୧୧ଟି ପିକଅପ୍ ଭ୍ୟାନରୁ ୪୪ ପୋଢ଼ ଉଦ୍ଧାର କରାଯାଇଛି। ଧାମୁଣିପଙ୍ଗା ଗାଁ ନିକଟରୁ ୬ଟି ଭ୍ୟାନ ଓ ସାଇନଗର ନିକଟରୁ ୫ଟି ଭ୍ୟାନକୁ ପୋଲିସ ସୂଚନା ପାଇ ଅଟକାଇଥିଲା। ଏହି ମାମଲାରେ କଲ୍ୟାଣସିଂହପୁର ପୋଲିସ ୧୭ ଜଣଙ୍କୁ ଅଟକ ରଖି ପଚାରଉଚରା କରୁଥିବା ଆଇଆଇସି ସୁକୁମା ହାଂସଦା ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### ଚାଷୀ ଠକେଇର ଶିକାର

ପାଣ୍ଡ୍ରିପାଣି,୧୭।୮(ଡି.ଏନ.ଏ.)- ମାଲକାନଗିରି ସଦର ବ୍ଲକ ସେରପାଲି ପଞ୍ଚାୟତ ବାଲିଆଗୁଡ଼ାର ଚାଷୀ ମିଶ୍ର କିର୍ସାନିଙ୍କୁ ପ୍ରଶାସନିକ ଅଧିକାରୀମାନେ ଠକିଥିବା ଅଭିଯୋଗ ହୋଇଛି। ତାଙ୍କୁ ସରକାରଙ୍କ ସମସ୍ତ ସୁବିଧା ସୁଯୋଗ ମିଳିବ କହି କୃଷି ଅଧିକାରୀମାନେ ତାଙ୍କଠାରୁ ସମସ୍ତ କାଗଜପତ୍ର ନେଇ ସୁବିଧା ଦେଇ ନ ଥିବା ମିଶ୍ର ପ୍ରକାଶ କରିଛନ୍ତି। ଚାଷ ପାଇଁ ଉଦ୍ଦିଷ୍ଟ ଯନ୍ତ୍ରପାତି , ବିହନ, ସାର ମିଳୁନାହିଁ। ଏସବୁ ଅଧିକାରୀମାନେ ଚାଷୀଙ୍କ ନାମରେ ଆତ୍ମସାତ୍ କରୁଥିବା ମିଶ୍ର ଅଭିଯୋଗରେ କହିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି।

### କରୋନା କଟକଣାକୁ ଫୁ

କୋରୁକୋଣ୍ଡା, ୧୭।୮(ଡି.ଏନ.ଏ) କରୋନା କଟକଣାକୁ କାର୍ଯ୍ୟକାରୀ କରିବାରେ ସରକାରୀ କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିପାଇଁ ମାସ୍କ ବ୍ୟବହାର କରିବା ବାଧ୍ୟତାମୂଳକ କରାଯାଇଛି। ମାତ୍ର ଏହି ମାସ୍କକୁ ସୋମବାର ଜଣେ ସରକାରୀ କର୍ମଚାରୀ ନିଜ ଗୋଡ ତଳେ ବାନ୍ଧି ବୁଲୁଥିବା ଦେଖିବାକୁ ମିଳିଥିଲା। ସରକାରୀ କର୍ମଚାରୀ ଜଣକ ହେଲେ ମାଲକାନଗିରି ଜିଲା ବାଲିମେଳା ଏନଏସିର ଜଣେ କର୍ମଚାରୀ। ତାଙ୍କ ନାମ ଜ ବେଣୁ ଘଡେଇ। ସେ କାହିଁକି ଏପରି କଲେ ଜଣାପଡି ନ ଥିଲେ ମଧ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

### ଲଗାଣ ବର୍ଷାରେ ଘର କାନ୍ଥ ଭୁଶୁଡ଼ିଲା

କୋରୁକୋଣ୍ଡା, ୧୭।୮(ଡି.ଏନ.ଏ) ମାଲକାନଗିରି ଜିଲା ବାଲିମେଳା ଏନଏସି ୨ନଂ. ୱାର୍ଡ ଏନଏସି କଲୋନୀରେ ରହୁଥିବା ବାବୁଲା ବାଘଙ୍କ ଘରର କାନ୍ଥ ଲଗାଣ ବର୍ଷାରେ ଭୁଶୁଡି ପଡିଛି। ବାବୁଲା ଜଣେ ଦିନ ମଜୁରିଆ ରୂପେ କାମ କରି ପରିବାର ଚଳାଉଛନ୍ତି। ବହୁ କଷ୍ଟରେ ଲୋକଙ୍କ ଠାରୁ ଋଣ ଆଣି ସେ ଘର କରିଥିଲେ। ଲକ୍‌ଡାଉନ ହେତୁ କାମ ଠିକ୍ ରୂପେ ଗତ ମାର୍ଚ୍ଚମାସରୁ ମିଳୁ ନ ଥିଲା। ଏବେ କିଛି କାମଦାମ ମିଳୁଥିବା ବେଳେ ଲଗାଣ ବର୍ଷାରେ ତାଙ୍କ ଘର କାନ୍ଥ ଭୁଶୁଡି ପଡିବା ବାବୁଲାଙ୍କୁ ଚିନ୍ତାରେ ପକାଇଛି। ଏ ଦିଗରେ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

### ବର୍ଷା କ୍ଷତିଗ୍ରସ୍ତଙ୍କୁ ସହାୟତା

ଡାବୁଗାଁ, ୧୭।୮(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଡଙ୍ଗରିଗୁଡ଼ା ପଞ୍ଚାୟତ ସଦର ମହକୁମାରେ ଲଘୁଚାପ ଜନିତ ଲଗାଣବର୍ଷାରେ କ୍ଷତିଗ୍ରସ୍ତ ପରିବାରକୁ ଭେଟି ସୋମବାର ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଓ ଜିଲା ପ୍ରଶାସନ ସହାୟତା ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ବର୍ଷାରେ ପୂର୍ଣ୍ଣ ପନକା ଓ ସମୁଦ କୁମ୍ଭାରଙ୍କ ଘର ଭାଙ୍ଗିଯାଇଥିଲା। ସୋମବାର ବିଧାୟକ ରନ୍ଧାରୀ ଡଙ୍ଗରିଗୁଡ଼ାକୁ ଯାଇ କ୍ଷତିଗ୍ରସ୍ତ ପରିବାରକୁ ଭେଟିଥିଲେ। ସେମାନଙ୍କୁ ୨ ପ୍ୟାକେଟ ଲେଖାଏ ଚାଉଳ ଦେଇଥିବାବେଳେ ପ୍ରଶାସନ ପକ୍ଷରୁ ଜରି ପାଲ ଯୋଗାଇ ଦିଆଯାଇଥିଲା। ଏହି ସମୟରେ ଡାବୁଗାଁ ତହସିଲଦାର ଡ. ଉମେଶ କୁମାର ପୂଜାରୀ, ରାଜସ୍ୱ ନିରୀକ୍ଷକ ସାଗର ଖୁଣ୍ଟିଆ, କର୍ମଚାରୀ ଗୌରାଙ୍ଗ ପରିଡ଼ାଙ୍କ ସହ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ବିଧାୟକଙ୍କ ପ୍ରତିନିଧି ଏମ୍.ବୁଲୁ ରାଓ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଜୟ କୁମାର ବେହେରା, ଜି.ମୁରଲୀ, ଗେଦୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ରାୟଗଡ଼ା ଜିଲା: ଲଗାତର ଶହେ ପାର୍ ସଂକ୍ରମିତ

ରାୟଗଡା ଅଫିସ/ଗୁଣପୁର/ ବିଷମକଟକ, ୧୭।୮(ଡି.ଏନ୍.ଏ.): ରାୟଗଡ଼ା ଜିଲାରୁ ପୁଣି ୧୬୦ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗତ ୪୮ ଘଣ୍ଟା ମଧ୍ୟରେ ଜିଲାରୁ ୨୭୬ ପଜିଟିଭ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ନୂତନ ୧୬୦ ସଂକ୍ରମିତଙ୍କ ମଧ୍ୟରେ ମୁନିଗୁଡ଼ାରୁ ୨୩ ଜଣ, ରାୟଗଡ଼ା ଗ୍ରାମାଞ୍ଚଳରୁ ୨୧, ରାୟଗଡ଼ା ସହରାଞ୍ଚଳରୁ ୧୬, କଲ୍ୟାଣସିଂହପୁରରୁ ୨୧, ଗୁଣପୁର ସହାରାଞ୍ଚଳରୁ ୧୭, ଗୁଣପୁର ଗ୍ରାମାଞ୍ଚଳରୁ ୧୩, କାଶୀପୁରରୁ ୧୪, ଗୁଡାରିରୁ ୧୪, ରାମନାଗୁଡ଼ାରୁ ୮, ଚନ୍ଦ୍ରପୁରରୁ ୭ ଏବଂ ବିଷମକଟକ ବ୍ଲକ୍‌ରୁ ୬ ଜଣ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୧୭ କରୋନା ଯୋଦ୍ଧା ରହିଛନ୍ତି। ଏଥିରେ ବିଷମକଟକ ବ୍ଲକ୍‌ର ୬ଯୋଦ୍ଧା ରହିଛନ୍ତି। ଏଥିସହ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୨୨୬ରେ ପହଞ୍ଚିଛି। ଅନ୍ୟପକ୍ଷରେ ଆଣ୍ଟିଜେନ୍ ଟେଷ୍ଟକୁ ତ୍ୱରାନ୍ୱିତ କରାଯିବା ସହ ଫୋନ୍ ମାଧ୍ୟମରେ ସଂକ୍ରମିତମାନଙ୍କ ସମସ୍ୟା ଜାଣିବାକୁ ଚେଷ୍ଟା କରାଯାଉଛି ବୋଲି ପଡି ଅମ୍ରିତ ରତୁରାଜ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବିଷମକଟକ ସ୍ୱାସ୍ଥ୍ୟକେନ୍ଦ୍ରରୁ ସଂକ୍ରମିତ ଚିହ୍ନଟ ହେବାପରେ ସଂସ୍ପର୍ଶରେ ଆସିଥିବା ଲୋକଙ୍କ କଣ୍ଟାକ୍ଟ ଟ୍ରେସିଂ ଜାରି ରହିଛି।

# ପ୍ରତିବର୍ଷ କ୍ଷତିଗ୍ରସ୍ତ ହେଉଛନ୍ତି ମୋଟୁବାସୀ

ମାଲକାନଗିରି/କାଲିମେଳା, ୧୭।୮ (ଡି.ଏନ୍.ଏ.)


ମୋଟୁ ମୁର୍ଗି ପଏଣ୍ଟରେ ବନ୍ୟାଜଳ।

ଆନ୍ଧ୍ର ପ୍ରଦେଶର ବୃହତ ପୋଲାଭରମ ପ୍ରକଳ୍ପ ଓଡିଶାର ସୀମାନ୍ତ ମୋଟୁ ଅଞ୍ଚଳରେ ପ୍ରତିବର୍ଷ ବନ୍ୟା ସମୟରେ କ୍ଷତି ଘଟାଉଛି। ଆନ୍ଧ୍ର ସରକାର ପୋଲାଭରମ ପ୍ରକଳ୍ପର ଉଚ୍ଚତା ଏକତରଫା ଭାବେ ବୃଦ୍ଧି କରିବା ଯୋଗୁ ପୋଲାଭରମ ଜଳଭଣ୍ଡାରର ପାଣି ସାବେରୀ ଓ ଗୋଦାବରୀ ନଦୀ କୁ ନ ଯାଇ ଉପରମୁହାଁ ହେଉଛି। ଫଳରେ ମୋଟୁ ମୁଗି ପଏଣ୍ଟରେ ସାବେରୀ, ସିଲେରୁ ଓ ଗୋଦାବରୀ ନଦୀର ଜଳ ଏକତ୍ରିତ ହେଉଛି। ଏହାଦ୍ୱାରା ଜଳ ପ୍ରବାହ ଉପରକୁ ଉଠି ମୋଟୁ ଅଞ୍ଚଳକୁ ଜଳମଗ୍ନ କରୁଛି । ମୋଟୁ ସହ ବିନାୟକପୁର, ଆଲମା, ପେଟାଏବଂ ଅନ୍ୟ ତଳିଆ ଅଞ୍ଚଳର ଗ୍ରାମ ଗୁଡିକ କ୍ଷତିଗ୍ରସ୍ତ ହେଉଛି। ପ୍ରତିବର୍ଷ ବନ୍ୟା ସମୟରେ ଜନଜୀବନ କ୍ଷତି ହେଉଥିବା ବେଳେ ଏନେଇ ଜିଲା ପ୍ରଶାସନର ମୁଣ୍ଡବ୍ୟଥା ବଢୁଛି । ସୂଚନାଯୋଗ୍ୟ ଏହି ପ୍ରକଳ୍ପକୁ ବିରୋଧ କରି ଓଡିଶା ଛତିଶଗଡ, ଆନ୍ଧ୍ର ଓ ତେଲେଙ୍ଗାନାର ଚାଷୀ, ସାମାଜିକ କର୍ମୀଙ୍କ ସହ ଅନ୍ୟ କେତେକ ସଙ୍ଗଠନ ଆନ୍ଦୋଳନ କରି ଆସୁଛନ୍ତି। ମାତ୍ର ଏଥିପ୍ରତି ଆନ୍ଧ୍ର ସରକାର କିମ୍ବା କେନ୍ଦ୍ର ସରକାର ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଏହି ପ୍ରକଳ୍ପର ଉଚ୍ଚତା କମାଇବା ନେଇ ରହିଥିବା ଦାବି ଏଯାଏ ପୂରଣ ହେଇ ପାରୁନାହିଁ। ଗୋଦାବରୀ ନଦୀରେ ପ୍ରାୟ ୧୫ ଲକ୍ଷ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ସେଠାରେ ବର୍ତ୍ତମାନ ୩ ନମ୍ବର ବିପଦସଙ୍କେତ ଜାରି କରା ଯାଇଛି। ଏହାର ତହସିଲଦାର ଶଶାଙ୍କ ମିଶ୍ରଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଆମେ ପ୍ରତ୍ୟେକ ନଦୀକୂଳିଆ ଗ୍ରାମ ଉପରେ ନଜର ରଖିଛୁ। ଯେ କୌଣସି ପରିସ୍ଥିତର ମୁକାବିଲା କରିବା ପାଇଁ ପ୍ରଶାସନ ପ୍ରସ୍ତୁତ ରହିଛି।

### ପୋଲାଭରମ ପ୍ରକଳ୍ପ

ସ୍ଥାୟୀ ପ୍ରତିକାର ଲାଗି ପୋଲାଭରମ ପ୍ରକଳ୍ପର ଉଚ୍ଚତା କମାଇବା ଜରୁରୀ ହୋଇ ପଡିଛି। ଏଥିପ୍ରତି କେନ୍ଦ୍ର ଓ ଆନ୍ଧ୍ର ସରକାର ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି । ସୂଚନାଯୋଗ୍ୟ ଯେ, ମୋଟୁର ମୁର୍ଗି ପଏଣ୍ଟ ସହ ମଧୁସୁଦନ ପାର୍କରେ ୭ ଫୁଟ ପାଣି ଜମା ରହିଛି। ଲଗାଣ ବର୍ଷା ଲାଗି ରହିଲେ ମୋଟୁ ଗାଁ ଭିତରକୁ ସୋମବାର ରାତିରେ ପାଣି ପଶିବା ଆଶଙ୍କା ଦେଖାଦେଇଛି। ସାବେରୀ ନଦୀ କୂଳରେ ଥିବା ମୋଟୁ ପଞ୍ଚାୟତର ବିନାୟକପୁର, ଆଲମା, ମୁରଲିଗୁଡା, ପେଟା, ଚିନାଲଗୁଡା, କାଟନପାଲି ଏବଂ ସିଲେରୁ ନଦୀକୂଳରେ ଥିବା ଘାର୍ଷାପାଲି,ମୁକାନପାଲି,ନିଲାକୁଟା, ଭର୍ଷାନପାଲି ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇରହିଛି । ଏ ସମ୍ପର୍କରେ ମୋଟୁ

### ୨ ଜଣଙ୍କୁ ରକ୍ତ ଦେଇ ବଞ୍ଚାଇଲେ ଖବରଦାତା

ମାଲକାନଗିରି, ୧୭।୮(ଡି.ଏନ୍.ଏ.)

ଉତ୍କଳ ସାମ୍ବାଦିକ ସଂଘରୁ ସଦସ୍ୟମାନେ ମାଥିଲି ଥାନା ଅନ୍ତର୍ଗତ ମହୁପଦର ଗ୍ରାମର ଜଣେ ମହିଳାଙ୍କୁ ରକ୍ତଦାନକରି ମରଣମୁହଁରୁ ବଞ୍ଚାଇଛନ୍ତି। ତାଙ୍କ ନାମ ରାଧିକା ଦୁରୁଆ। ରାଧିକା ମାଥିଲି ଚିକିତ୍ସାଳୟରେ ଚିକିତ୍ସା ବେଳେ ରକ୍ତ ଆବଶ୍ୟକ ପଡିଥିଲା । ବନ୍ୟା ଯୋଗୁ ତାଙ୍କୁ ମାଲାକନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିବା ସମ୍ଭବ ନ ଥିଲା। ଏହା ଜାଣିବା ପରେ ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ରଙ୍କ ନେତୃତ୍ୱରେ ସଦସ୍ୟମାନେ ରକ୍ତଦାନ କରିଥିଲେ। ସେହିପରି ମାଲକାନଗିରି ସଦର ମହକୁମାର ଅନ୍ୟ ଜଣେ ମହିଳା ସୁଲୋଚନା ପାଢ଼ୀ କରୋନାରେ ଆକ୍ରାନ୍ତ ହୋଇ କୋଭିଡ୍ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ତାଙ୍କର ମଧ ରକ୍ତ ଆବଶ୍ୟକ ଥିବା ଜାଣିବା ପରେ ସଂଘ ସଦସ୍ୟ ସତ୍ୟପ୍ରକାଶ ଦାସ, ସୁକାନ୍ତ କଲାର ଓ ଶ୍ରୀକାନ୍ତ ସେଠୀ ରକ୍ତଦାନ କରି ତାଙ୍କ ଜୀବନ ବଞ୍ଚାଇଥିଲେ।

### ୯୨ ପ୍ରତିଶତ ଛାତ୍ରଛାତ୍ରୀ ପାସ୍

ମାଲକାନଗିରି, ୧୭।୮(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ସତ୍ୟନାରାୟଣ +୨ ବିଜ୍ଞାନ ମହାବିଦ୍ୟାଳୟର ଛାତୀଛାତ୍ରମାନେ +୨ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ଚଳିତ ବର୍ଷ +୨ ବିଜ୍ଞାନ ପରୀକ୍ଷାରେ ମହାବିଦ୍ୟାଳୟର ପାସ୍ ହାର ଶତକଡ଼ା ୯୨ ପ୍ରତିଶତ ହୋଇଛି । ଏମ୍‌ଭି-୭୨ ଗ୍ରାମର ନୀଳକମଳ ସରକାର ଶତକଡ଼ା ୮୧.୫୦ ପ୍ରତିଶତ ନମ୍ବର ରଖି ମହାବିଦ୍ୟାଳୟର ଟପ୍ପର ହୋଇଛନ୍ତି। ମହାବିଦ୍ୟାଳୟର ୪୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେଥିରୁ ୧୫ ଜଣ ପ୍ରଥମ ଶ୍ରେଣୀରେ,୨୩ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୬ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ମହାବିଦ୍ୟାଳୟ ସମ୍ପାଦିକା ମମତା ପାଣିଗ୍ରାହୀ ଛାତ୍ର ନୀଳକମଳଙ୍କୁ ସମ୍ବର୍ଦ୍ଧିତ କରିତାଙ୍କୁ ୨୦ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ।

## କାଦୁଅ ରାସ୍ତାରେ ଧାନ ରୋଇଲେ ଗ୍ରାମବାସୀ

କୋଡିଙ୍ଗା, ୧୭।୮(ଡି.ଏନ୍.ଏ.)


ଗ୍ରାମବାସୀ ରାସ୍ତାରେ ଧାନ ରୋଉଛନ୍ତି।

ରାସ୍ତା ମରାମତି ଦାବି କରି ନିରାଶ ହେବା ପରେ ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଖୁଟୁବାଇ ପଞ୍ଚାୟତ ବଡଦାମାପାଲା ଗ୍ରାମବାସୀ ଉକ୍ତ ଶୋଚନୀୟ ରାସ୍ତାରେ ଧାନ ତଳି ରୋଇଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନ ନେଲେ ଆନ୍ଦୋଳନ ହେବ ବୋଲି ସେମାନେ କହିଛନ୍ତି। ପ୍ରକାଶ ଯେ, ବଡଦାମାପାଲା ରାସ୍ତାଟି ବର୍ଷାରେ କାଦୁଅ ପଚ୍‌ପଚ ହୋଇ ରହିଛି। ଏହାର ମରାମତି ପାଇଁ ଗ୍ରାମବାସୀ ସରପଞ୍ଚଙ୍କଠାରୁ ଆରମ୍ଭ କରି ଜିଲାପାଳ ଓ ବିଧାୟକଙ୍କୁ ମଧ ଜଣାଇଛନ୍ତି। କିନ୍ତୁ କିଛି ସୁଫଳ ମିଳିନି। ରାସ୍ତା ଅବସ୍ଥା ଏତେ ଖରାପ ଯେ, ସେଥିରେ ଚାଲିଚାଲି ଯିବା ମଧ କଷ୍ଟକର। ୨ହଜାର ଗ୍ରାମବାସୀ ଏହି ରାସ୍ତା ଉପରେ ନିର୍ଭର କରନ୍ତି। କାହାର ଦେଖ ଖରାପ ହେଲେ ଗାଁକୁ ଆମ୍ବୁଲାନ୍ସ ଆସିପାରୁନି। ରୋଗୀଙ୍କୁ ୩କି.ମି. ବୋହି ନେବାକୁ ପଡୁଛି। ସମସ୍ତଙ୍କୁ ଅଭିଯୋଗ କରିଥିଲେ ମଧ କିଛି ସୁଫଳ ନ ମିଳିବାରୁ ଅତିଷ୍ଠ ହୋଇ ଏଭଳି ପଦକ୍ଷେପ ନେଇଥିବା ଗ୍ରାମର ଧରମ ସିଂ ନାକେ, ସୁଶାନ୍ତ ହରିଜନ, ପତି ହରିଜନ, ଶତ୍ରୁଘ୍ନ ହରିଜନ, ପ୍ରହଲ୍ଲାଦ ହରିଜନ, ରେବତୀକାନ୍ତ ନାୟକ କହିଛନ୍ତି।

### ସରକାରୀ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ନବରଙ୍ଗପୁର, ୧୭।୮(ବି.ପ୍ର.)

ନବରଙ୍ଗପୁର ବ୍ଲକ କଲୋନିସ୍ଥିତ ଏକ ସରକାରୀ କ୍ୱାର୍ଟର୍ସରୁ ଟାଉନ ଥାନା ପୋଲିସ ସୋମବାର ଟିଡିସିସି ଫିଲ୍ଡ ଅଫିସର ପୁରୁଷୋତ୍ତମ ଭୋଇଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ତାଙ୍କ ନିଜ ଘର ସମ୍ବଲପୁରର ବୋଲି ଜଣାପଡିଛି। ସେ ନବରଙ୍ଗପୁର ଟିଡିସିସିରେ କାମ କରୁଥିଲେ। ପ୍ରକାଶ ଯେ, ରବିବାର ପରିବାର ଲୋକ ପୁରୁଷୋତ୍ତମଙ୍କୁ ବାରମ୍ବାର ଫୋନ କରିଥିଲେ ମଧ ସେ ତାହାର ଉତ୍ତର ଦେଇ ନ ଥିଲେ। ଏହାପରେ ସେମାନେ ଟିଡିସିସିର ସମ୍ବଲପୁର କାର୍ଯ୍ୟାଳୟକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଅଫିସ ଲୋକ ମଧ ବାରମ୍ବାର ଫୋନ କରିଥିଲେ, କିନ୍ତୁ ପୁରୁଷୋତ୍ତମ ଉଠାଇ ନ ଥିଲେ। ସନ୍ଦେହ ହେବାରୁ ସେଠାରୁ ଜଣେ ଅଫିସର ଓ ୨ଜଣ କର୍ମଚାରୀ ନବରଙ୍ଗପୁର ଆସିଥିଲେ। ପୁରୁଷୋତ୍ତମଙ୍କ କ୍ୱାର୍ଟର୍ସ ଭିତରୁ ବନ୍ଦ ଥିବାରୁ ସେମାନେ ନବରଙ୍ଗପୁର ଥାନାକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗିବା ପରେ ପୁରୁଷୋତ୍ତମଙ୍କ ଝୁଲନ୍ତା ମୃତଦେହ ଦେଖିଥିଲେ। ତାଙ୍କ ପରିବାର ଲୋକ ପହଞ୍ଚିବା ପରେ ମୃତଦେହ ଉଦ୍ଧାର କରାଯିବ। ଆତ୍ମହତ୍ୟା କାରଣ ସ୍ପଷ୍ଟ ହୋଇନି। ନବରଙ୍ଗପୁର ଥାନା ଏସ୍‌ଆଇ ରାଧାକାନ୍ତ ବାରିକ ଓ ଏସ୍‌ଆଇ ଏସ୍.ଏସ୍. ଲୁଗୁନ ଘଟଣାର ତଦନ୍ତ କରୁଛନ୍ତି।

### ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠା ଉତ୍ସବ

ଜୟପୁର ୧୭।୮ (ନି.ପ୍ର.)

ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠା ଉତ୍ସବ ସୋମବାର କୋଭିଡ୍ ନିୟମ ଅନୁସାରେ ମାଧାବ ଭବନଠାରେ ପାଳିତ ହୋଇଛି। ଜିଲା କାର୍ଯ୍ୟକାରୀ ସଭାପତି ତେଜେଶ୍ୱର ପଣ୍ଡା ସଭାପତିତ୍ୱ କରିଥିଲେ। ବିଭାଗ ସମ୍ପାଦକ ଅଜିତ ନାୟକ, ଜିଲା ଉପ ସଭାପତି ନବକୃଷ୍ଣ ରଥଉପସ୍ଥିତ ଥିଲେ। ଜିଲା ସମ୍ପାଦକ କମଳାକାନ୍ତ ବିଶ୍ୱାଳ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ରାଧାକାନ୍ତ ରଥ, ବୈଦ୍ୟନାଥ ମିଶ୍ର, ଗଣେଶ ପାଢୀ, ଲକ୍ଷ୍ମୀକାନ୍ତ ମିଶ୍ର, ଅରୁଣ କୁମାର ଭଟ୍ଟ ମିଶ୍ର, ଦେବେନ୍ଦ୍ର ବାହିନୀପତିଙ୍କୁ ସମ୍ମାନିତ କରାଯାଇଥିଲା।

## କାଲିମେଳା: ବିଭିନ୍ନ ସ୍ଥାନରେ ୪ ଜଣଙ୍କ ଅପମୃତ୍ୟୁ

କାଲିମେଳା, ୧୭।୮(ଡି.ଏନ.ଏ)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ୪ ଜଣଙ୍କ ମୃତ୍ୟୁ ହୋଇଛି। ମୋଟୁ ପଞ୍ଚାୟତ ପେଟା ଗ୍ରାମର ରାମା କାରାମ (୪୦)ଙ୍କ ମୃତଦେହକୁ ରବିବାର ସନ୍ଧ୍ୟାରେ ଗାଁ ପୋଖରୀରୁ ପରିବାର ଲୋକେ ଉଦ୍ଧାର କରିଛନ୍ତି। ରାମା ଶୌଚହେବାକୁ ଯାଇଥିବା ବେଳେ ଦୀର୍ଘ ସମୟ ଧରି ଫେରି ନ ଥିଲେ । ପରିବାର ଲୋକେ ତାଙ୍କୁ ବହୁ ସମୟ ଧରି ଖୋଜାଖୋଜି କରିବା ପରେ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ସେହିପରି ସାପକାମୁଡାରେ ଜଣେ ମହିଳା ଓ ଜଣେ ପୁରୁଷଙ୍କ ମୃତ୍ୟୁ ହୋଇଛି । ମହାରାଜପାଲି ପଞ୍ଚାୟତର ବିଲିଗୁଡା ଗ୍ରାମରେ ସାପ କାମୁଡି ଦେବାରୁ ଗ୍ରାମର ରାଜୁ କାଟାମଙ୍କ ମୃତ୍ୟୁ ହୋଇଥିଲା। ମାନ୍ୟମକୋଣ୍ଡା ପଞ୍ଚାୟତର ଟଗୁରକୋଟା ଗ୍ରାମରେ ଘରେ ଶୋଇଥିବା ବେଳେ କୁରା ସମେଙ୍କୁ ସାପ କାମୁଡିଦେବାରୁ ତାଙ୍କର ମୃତ୍ୟୁ ହୋଇଛି। ଏହି ୩ଟି ଘଟଣା ମୋଟୁ ଥାନା ଅନ୍ତର୍ଗତ ହୋଇଥିବାରୁ ଥାନାରେ ୩ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ସେହିପରି କାଲିମେଳା ଶିବମନ୍ଦିର ନିକଟରେ ଥିବା ମାଉସୀ ମା'ମନ୍ଦିର ବେଡାରୁ ଜଣେ ଯୁବକଙ୍କ ମୃତଦେହ କାଲିମେଳା ପୋଲିସ ଜବତ କରିଛି । ମୃତକ ହେଉଛନ୍ତି ଚିତ୍ରାଙ୍ଗପାଲି ପଞ୍ଚାୟତ ପେରୁବାଇ ଗ୍ରାମର ଅଡମା ମାଡକାମି ବୋଲି ଜଣାପଡିଛି। ଆଡମାଙ୍କ ମୃତ୍ୟୁର କାରଣ ଜଣାପଡି ନ ଥିବା ବେଳେ ତାଙ୍କ ମୃତଦେହ ନିକଟରେ ଚାଷରେ ବ୍ୟବହୃତ ହେଉଥିବା ଫେରାଡଲ କୀଟନାଶକ ସହ କିଛି ଶୁଖିଲା ଖାଦ୍ୟ ଏବଂ ଥଣ୍ଡା ପାନୀୟ ପଡିଥିବା ଦେଖିବାକୁ ମିଳିଛି। ଆଡମା କିଛି ବର୍ଷ ଧରି କାଲିମେଳାରେ ରହି ଏକ ଗ୍ୟାରେଜରେ ମେକାନିକ କାମ କରୁଥିଲେ। ତେବେ ଅଳ୍ପ କିଛିଦିନ ହେଲା ସେ ଲିଭର ସମସ୍ୟା ଯୋଗୁ ଅସୁସ୍ଥ ଥିଲେ। ୩ ଦିନତଳେ କାଲିମେଳା ମେଡିକାଲ ଆସି ଚିକିତ୍ସିତ ହୋଇଥିଲେ। ଏନେଇ କାଲିମେଳା ଥାନାରେ ଏକ ମାମଲା ରଜୁ ହୋଇଛି।

## ଗୁଣପୁରରେ ନୂତନ ସିସିସି ଉଦ୍‌ଘାଟିତ

ଗୁଣପୁର, ୧୭।୮(ଡି.ଏନ୍.ଏ.):

### ୩୦୮ ଶଯ୍ୟା ବିଶିଷ୍ଟ କେନ୍ଦ୍ରରେ ରହିଛି ସମସ୍ତ ସୁବିଧା

ରାୟଗଡ଼ା ଜିଲା ଗୁଣପୁର ସହର ବିକ୍ରମପୁରସ୍ଥିତ ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟଠାରେ ସୋମବାର ୩୦୮ ଶଯ୍ୟା ବିଶିଷ୍ଟ ନୂତନ କୋଭିଡ୍ କେୟାର ସେଣ୍ଟର(ସିସିସି) ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ବିଧାୟକ ରଘୁନାଥ ଗମାଙ୍ଗ ଏବଂ ଜିଲାପାଳ ପ୍ରମୋଦ କୁମାର ବେହେରା ଯୋଗଦେଇ ଏହାର ଉଦଘାଟନ କରିଥିଲେ। ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ନୂତନ ସିସିସି ପ୍ରସ୍ତୁତ କରାଯାଇଥିବା ଜିଲାପାଳ କହିଛନ୍ତି। ଉଦ୍‌ଘାଟନି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦର,ଏସ୍‌ଡିପିଓ ରାଜକିଶୋର ଦାସ, ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଗୋରାଚାନ୍ଦ ଗମାଙ୍ଗ, ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ରମେଶ ଚନ୍ଦ୍ର ସାହୁ, ପୌର ପରିଷଦର ନିର୍ବାହୀ ଅଧିକାରୀ ଉମା ପ୍ରସାଦ ଦାସ, ତହସିଲଦାର ଲକ୍ଷ୍ମୀ ନାରାୟଣ ସାବତ, ବିଡିଓ ଶାନ୍ତିପ୍ରଭା ପ୍ରଧାନ, ଆଇଆଇସି ରଶ୍ମି ରଞ୍ଜନ ପ୍ରଧାନ, ଭାରପ୍ରାପ୍ତ ସହକାରୀ ଡିଡବ୍ଲ୍ୟୁଓ ଏ. ଶ୍ରୀନିବାସ ଆଚାରୀ ଉପସ୍ଥିତ ଥିଲେ। ସଂକ୍ରମିତମାନଙ୍କ ସମସ୍ତ ସୁବିଧା ପାଇଁ ନୂତନ ସିସିସିରେ ପାନୀୟ ଜଳ, ଗିଜର୍, ୱାଶିଂମେଶିନ, ସିସିଟିଭି ଏବଂ ଏଲ୍‌ଇଡି ଟିଭିର ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି।

## ଚାମ୍ପିୟନ ହେଲେ ଅଦ୍ୱିତା

ଜୟପୁର, ୧୭।୮(ଡି.ଏନ.ଏ.)

### ଜାତୀୟ ସ୍ତରୀୟ ଡ୍ୟାନ୍ସ ପ୍ରତିଯୋଗିତାରେ



କୋରାପୁଟ ଜିଲା ଜୟପୁର ସହରର ୮ ବର୍ଷର ବାଳିକା ଅଦ୍ୱିତା ସାହୁ ଜାତୀୟ ସ୍ତରୀୟ ଡ୍ୟାନ୍ସ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛନ୍ତି । ଏନେଇ ଆୟୋଜନକାରୀ ସଂସ୍ଥା ତାଙ୍କୁ ସାର୍ଟିଫିକେଟ ସହ ୨୫ ହଜାର ଟଙ୍କା ପୁରସ୍କାର ଦେବାକୁ ଘୋଷଣା କରିଛି। ଡ୍ୟାନ୍ସ ଦିଲସେ ଅନ୍‌ଲାଇନ ମାଧ୍ୟମରେ ପ୍ରତିଯୋଗିତା ଚଳିତ ମାସ ପ୍ରାରମ୍ଭରୁ ଆରମ୍ଭ ହୋଇଥିଲା । ଜାତୀୟ ସ୍ତରୀୟ ଏହି ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟରେ ଅଡିଶନ, ଦ୍ୱିତୀୟ ପର୍ଯ୍ୟାୟରେ ସେମିଫାଇନାଲ ଏବଂ ଅନ୍ତିମ ପର୍ଯ୍ୟାୟରେ ଫାଇନାଲ ପ୍ରତିଯୋଗିତା ହୋଇଥିଲା । ଏଥିରେ ୧ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଶାସ୍ତ୍ରୀୟ ଏବଂ ଆଧୁନିକ ନୃତ୍ୟ ପ୍ରତିଯୋଗିତାକୁ ଗୁରୁତ୍ୱାରୋପ କରାଯାଇଥିଲା। ଗତ ଜୁଲାଇ ୨୫ରେ ହୋଇଥିବା ଜାତୀୟ ସ୍ତରୀୟ ଓଡ଼ିଶୀ କ୍ଲାସିକାଲ ପ୍ରତିଯୋଗିତାରେ ଅଦ୍ୱିତା ତୃତୀୟ ସ୍ଥାନ ଅଧିକାର କରିଥିଲେ । ସ୍ଥାନୀୟ ମାଦଳାସାହିର ଶିକ୍ଷା ବିଭାଗରେ କର୍ମଚାରୀ ଲିପ୍ସା ସାହୁ ଏବଂ ଶିକ୍ଷକ ମୁରଲୀ ସାହୁଙ୍କ ଝିଅ ଅଦ୍ୱିତା ଏକ ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ୫ ବର୍ଷ ବୟସରୁ ଡ୍ୟାନ୍ସ ପ୍ରତି ଆକୃଷ୍ଟ ହୋଇ ସେ ଅଭ୍ୟାସ ଆରମ୍ଭ କରିଥିଲେ । ଭବିଷ୍ୟତରେ ବିଭିନ୍ନ ଟିଭି ଚ୍ୟାନେଲ ଏବଂ ଅନ୍ୟାନ୍ୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତାରେ ଭାଗନେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି ଅଦ୍ୱିତା।

## ଜାତୀୟ ରାଜପଥ ନିର୍ମାଣକାରୀ ଠିକାସଂସ୍ଥାକୁ ନୋଟିସ

ଜୟପୁର, ୧୭।୮(ଡି.ଏନ.ଏ.)

କୋରାପୁଟ ଜିଲା ଜୟପୁର-ବୋରିଗୁମ୍ମା ୨୬ ନମ୍ବର ଜାତୀୟ ରାଜପଥ ନିର୍ମାଣକାରୀ ସଂସ୍ଥାର ଅବ୍ୟବସ୍ଥାକୁ ନେଇ ଜାତୀୟ ରାଜପଥ ଅଧୀକ୍ଷଣ ଯନ୍ତ୍ରୀ ନୋଟିସ ଜାରି କରିଛନ୍ତି। ଏହି ନୋଟିସ ଅନୁଯାୟୀ ତୁରନ୍ତ ପଦକ୍ଷେପ ନ ନେଲେ ବିଭାଗର ଚୁକ୍ତିନାମା ଖିଲାପ କଲେ ବୋଲି ଧରାଯିବ। ସେହି ଅନୁଯାୟୀ ଦୈନିକ ୧ ଲକ୍ଷ ଟଙ୍କା ଜରିମାନା ପାଇଁ ଚେତାବନୀ ଦିଆଯାଇଛି। ଜାତୀୟ ରାଜପଥ ନିର୍ମାଣ ସମୟରେ ଗାଡ଼ି ଯାତାୟାତ ଲାଗି ରାସ୍ତା କରିବା ଠିକାସଂସ୍ଥାର ଦାୟିତ୍ୱ । ଏଥିପାଇଁ ଅର୍ଥ ପ୍ରଦାନ କରାଯାଉଛି । ମାତ୍ର ଉକ୍ତ ନିର୍ମାଣ ଠିକାସଂସ୍ଥା ପକ୍ଷରୁ ଏହାକୁ ଅଣଦେଖା କରାଯାଉଛି। ସୂଚନାଯୋଗ୍ୟ, କଟକର ଏହି ଠିକାସଂସ୍ଥା ବାରିଣୀପୁଟଠାରୁ ବୋରିଗୁମ୍ମା ପର୍ଯ୍ୟନ୍ତ ୨୬ କି.ମି. ଜାତୀୟ ରାଜପଥ ରାସ୍ତା ନିର୍ମାଣ କରୁଛି ।

## ବିଧାୟକଙ୍କ ବନ୍ୟା ସ୍ଥିତି ଅନୁଧ୍ୟାନ

କାଲିମେଳା, ୧୭।୮(ଡି.ଏନ.ଏ)

ଲଗାଣ ବର୍ଷା ଯୋଗୁ କାଲିମେଳା ବ୍ଲକର ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି । ଏହି ବନ୍ୟା ଅଞ୍ଚଳକୁ ସୋମବାର ମଲକନାଗିରି ବିଧାୟକ ଆଦିତ୍ୟ ମାଢିଙ୍କ ସହ ଏକ ଟିମ ପରିଦର୍ଶନ କରିଛନ୍ତି । ଟିମ୍ ଏମଭି-୯୦ ନିକଟରେ ଥିବା ଗୁଲୁଲୁର ନାଳ ନିକଟରେ ବନ୍ୟା ସ୍ଥିତି ଅନୁଧ୍ୟାନ କରି ତହସିଲଦାର ଆଲୋକ କୁମାର ଅନୁଗୁଳିଆଙ୍କ ସହ ଆଲୋଚନା କରିଥିଲେ। ପରେ ମୋଟୁଠାରେ ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ। ଏହି ଗସ୍ତରେ ବିଧାୟକ ପ୍ରତିନିଧି ନବଘନ ଲକେଇ, ଜିଲା ପରିଷଦ ସଦସ୍ୟ ଉତ୍ତମ ରାୟ, ସମିର ମିସ୍ତ୍ରି, ନିମାଇଁ ପାଲ, ଭବାନୀ ଶଙ୍କର ମୁଖାର୍ଜୀ ସାମିଲ ହୋଇଥିଲେ ।

## ୧୨୦ କେଜି ଗଞ୍ଜେଇ ଜବତ, ୪ ଗିରଫ

ମାଲକାନଗିରି, ୧୭।୮ (ଡି.ଏନ୍.ଏ.)

ଗଞ୍ଜେଇ ଚୋରା ଚାଲାଣ ବେଳେ ମାଲକାନଗିରି ପୋଲିସ ୫ବସ୍ତା ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉତ୍ତର ପ୍ରଦେଶ ବାରାବାନା ଗ୍ରାମର ଇସ୍ତେକାର, ଖାଲିଦ, ଆଜିତ ରାଣା, ଓ ଏମ୍.ଭି. ୧୧ ଗ୍ରାମର ହରିଦାସ ବିଶ୍ୱାସ। ଜବତ ଗଞ୍ଜେଇର ପରିମାଣ ୧୨୦ କେଜି ବୋଲି ଜଣାପଡିଛି। ଏଥିରେ ବ୍ୟବହୃତ କାର ଏବଂ ଲକ୍ଷାଧିକ ଟଙ୍କା ଜବତ କରାଯାଇଥିବା ଏସ୍.ପି. ହ୍ରିଷିକେଶ ଡି. ଖିଲାରି କହିଛନ୍ତି।

## ଉଦ୍ୟୋଗ ପ୍ରତିଷ୍ଠା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ

ନବରଙ୍ଗପୁର, ୧୭।୮(ବି.ପ୍ର.)

ନବରଙ୍ଗପୁରସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିନିଯୋଗରେ ନବରଙ୍ଗପୁର ଜିଲା ସାମାଜିକ ଓ ଆର୍ଥିକ ଉନ୍ନତି ପ୍ରକଳ୍ପର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜୀବ ବିଜ୍ଞାନ ସଂସ୍ଥାନ(ଆଇଏଲ୍‌ଏସ) ଓ ଆଞ୍ଚଳିକ ଭେଷଜ ଗବେଷଣା ସଂସ୍ଥା (ଆର୍‌ଏମ୍‌ଆର୍‌ସି)ଯୋଜନାର ଅଗ୍ରଗତି ଓ ସଫଳତା ସମ୍ପର୍କରେ ସମୀକ୍ଷା କରାଯାଇଥିଲା।

ଝରିଗାଁ ବ୍ଲକର ଚକଲା ପଦର ଓ ଚନ୍ଦାହାଣ୍ଡି ବ୍ଲକର ଅନକାବେଡା ପଞ୍ଚାୟତରେ ଜୀବ ବିଜ୍ଞାନ ପ୍ରତିଷ୍ଠାନ ପକ୍ଷରୁ ସମନ୍ୱିତ କୃଷି ସହ ଉଦ୍ୟୋଗ ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ସେହିଭଳି ଆଂଚଳିକ ଭେଷଜ ଗବେଷଣା ସଂସ୍ଥାନ ପ୍ରତିଷ୍ଠାନ ପକ୍ଷରୁ ସ୍ୱାସ୍ଥ୍ୟ ଜନିକ ଗବେଷଣା ଓ ସମାଧାନକୁ ବ୍ୟାପକ କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ ଯୋଗ ଦେଇ ସ୍ୱାସ୍ଥ୍ୟଜନିତ ସମସ୍ୟା ଉପରେ ଗୁରୁତ୍ୱ ଦେଇଥିଲେ। ଓରମାସର ଉପକାର୍ଯ୍ୟ ନିର୍ବାହୀ ଏ. ଉମା ମହେଶ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରୋଗ୍ରାମ ଅଫିସର ସୁଶାନ୍ତ କୁମାର ପ୍ରହରାଜ ଯୋଗଦେଇ ସ୍ୱାସ୍ଥ୍ୟସେବା ଉପରେ ରହିଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ତଥ୍ୟ ଉପରେ ଆଲୋକପାତ କରିଥିଲେ।


ନବରଙ୍ଗପୁର ଜିଲା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ନିଜ ଜମିରେ ଚାଷ କାର୍ଯ୍ୟ କରୁଛନ୍ତି ।


୭ ଦିନ ଧରି ଯୋଗାଯୋଗରୁ ବିଚ୍ଛିନ୍ନ ଥିବା ମାଲକାନଗିରି ଜିଲା ପଡିଆ ବ୍ଲକ ବଜାଗୁଡା ଗ୍ରାମର ୫ ପରିବାରକୁ ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାର କରୁଛନ୍ତି ।

